ନାରାୟଣଙ୍କର ଅମୃତ ବାଣୀ

# ଉପସାନିଷ

ସମ୍ପାଦନା

ଡକ୍ଟର କରୁଣାକର କ

# ରୁଦ୍ରସୁଧାନିଧି

ରଚନା : ନାରାୟଣାନନ୍ଦ ଅବଧୂତ ସ୍ୱାମୀ
ସଂପାଦନା : ଡକ୍ଟର କରୁଣାକର କର

INDUBHARATI TRUST LIBRARY
No-
Date-
DIST-NAYAGARH

ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର-୧୪

# ରୁଦ୍ରସୁଧାନିଧି

ଶ୍ରୀ ଶିବାୟ ନମଃ । ଶ୍ରୀ ଏକାମ୍ରବନ ଆଶ୍ରିତ ଶ୍ରୀ ଭୁବନେଶ୍ୱରୀ ଦେବୀର ବରପୁତ୍ର (୧) ନିର୍ଦ୍ଦୋଷ ବାଗ୍‌ବିଶେଷ ; ଆଗମ ଜନ୍ମ (୨) ସୁତ୍ରଶାଳତାର ଶାରଦା ; ଶୁଦ୍ଧଧୀରେ ମଦଗର୍ବିତ, ଦିଗ୍‌ଗଜ ପଣ୍ଡିତଙ୍କୁ ବିକ୍ରମକେଶରୀ ପଣ୍ଡିତ ଜନସମୂହଙ୍କୁ ସମ୍ମୋହକୃତ୍ (୩) ଉନ୍ମର ସ୍ତୁବା, କ୍ଷୁଧା ପଞ୍ଚାନନ (୪)ନରାକୃତି କଣ୍ଠୀରବ, ପଞ୍ଚମ ବେଦ, ଷଟ୍‌ଶାସ୍ତ୍ର, ନବଧା ବ୍ୟାକରଣ ; ଅଷ୍ଟାଦଶ ବିଦ୍ୟା, ଗୀତା ପୁରାଣ, ଛତିଶ ସ୍ମୃତି, ନବନାଟକ, ସ୍ତମ୍ଭନ, ମୋହନ, ବଶ୍ୟ, ଉଚ୍ଚାଟନ, ଗୋଟିକ ଅଞ୍ଜନପାଦୁକ, ଲେପନ ରସ ରସାୟନ, ଉଲୂକ, (୫) କୁହୁକ, ମଣି ମନ୍ତ୍ରୌଷଧି ଇତ୍ୟାଦି କରି ବିଦ୍ୟାପଟୁଲ (୭) ତପତ କନକ କଣିକା ଏକାଂଭୂତ (୮) ନାରାୟଣାନନ୍ଦ ଅବଧୂତର ବାକ୍ୟ ବାଣୀ ନବରତ୍ନ, ଦୀପକଦ୍ୱିତ ମଣି, ବ୍ରହ୍ମାଣ୍ଡ ଶୋଧକର ବ୍ରହ୍ମସୁଧାର ଗ୍ରନ୍ଥେ ପ୍ରଶସ୍ତ ଜାଣିବେ ଥୋକେ, ନ ଜାଣି ପୁଚ୍ଛିବେ ନା ବହୁତ ଲୋକେ, ଏଣୁକରି କହିବା ନା ଆଦି ସମ୍ଭବ ଯାକେ । ସେ କଥା ହିଁ ଅଟା କେବଣ ? କପିଳାସ କନ୍ଦରେ ପାର୍ବତୀଙ୍କି ହର ପୁଚ୍ଛାକଲେ ଯେବଣ । ଶିବ ଶିବ ହାଇ ହାଇ, ବ୍ରହ୍ମାଣ୍ଡ ଭାଣ୍ଡେ ଭୂଆଦି ଖଣ୍ଡେ, ଭୁବି ଖଣ୍ଡେ ଖଣ୍ଡ କନକାଚଳ ଦଣ୍ଡେ, ବ୍ରହ୍ମ ଶୁକ୍ଳ ଶୂଳଦଣ୍ଡେ (୯) ଦ୍ରୁଭଲୋକ ବର୍ଗେ, କପିଳାସ ସ୍ୱର୍ଗେ, ମନୋରମ ମନ୍ଦିରେ, ଜିତାଶ୍ରମ ନନ୍ଦରେ, ସିଦ୍ଧ ରୁଦ୍ରଗଣମାନଙ୍କର ସଙ୍ଗେ,

---

୧ – 'କ' ଭୁବନାଦି ଦେବ ଦେବୀର ବରପୁତ୍ର ।

୨ – 'କ' ପୋଥିରେ ନାହିଁ ।

୩ – 'କ' ପଣ୍ଡିତ ସର୍ବତ୍ର ସମ୍ମୋହକୃତ୍ ।

୪ – 'କ' ସ୍ତୁବ ପଞ୍ଚାନନ ।

୫ – 'କ' ରେ ନାହିଁ ।

୬ – 'କ' ରେ ନାହିଁ ।

୭ – 'କ' ପଟକୁ ।

୮ – 'ଖ' ଭାବ ।

୯ – 'କ' ରେ ନାହିଁ ।

ଜ୍ଞାନାନୁଭବ ରଙ୍ଗେ (୧) ମାନସ ସରୋବର କୂଳେ, ଚନ୍ଦ୍ର ଉଜ୍ଜ୍ୱଳ ଶଇଳେ, ସୂର୍ଯ୍ୟ ଅସ୍ତମିତେ, କ୍ରୀଡ଼ାରସମତେ, ସେ କାମାଙ୍ଗନାଶନ (୨) ବିହରୁ ଅଛନ୍ତି ଶଇଳେନ୍ଦ୍ର ପୁତ୍ରୀ ସହିତେ । ସେ ପରମେଶ୍ୱରଙ୍କର ପରମ ଜ୍ୟୋତି ପରି ପୂର୍ଣ୍ଣାନନ୍ଦ ପରମ ପାଙ୍ଗଗତ ଖଣ୍ଡେଙ୍କୁ ମଉଳି ଚାରିପାରୁଶରେ ସମସ୍ତ ଦେବତାମାନେ ବେଢ଼ି ଅଛନ୍ତି । ମେଖଳା ଆକାର ହୋଇ ରହିଲେ ସିଦ୍ଧ ରୁଦ୍ରଗଣମାନେ ଅତି ହରଷେ (୩) ଉପମା ନକ୍ଷତ୍ର ସମୂହର ମଧ୍ୟେ, ଶରଦ ଶୁକ୍ଳ ମେଘର ଉର୍ଦ୍ଧ୍ୱେ, (୪) ଅରିଷ୍ଟ ଗ୍ରହଙ୍କର ଭଙ୍ଗେ, ଉନ୍ନତ ରୋହିଣୀର ସଙ୍ଗେ, ସଂପୂର୍ଣ୍ଣ କଳାଯୁକ୍ତ ଚନ୍ଦ୍ରମାର ପ୍ରାୟେ ଶୋଭା ପାଉଅଛନ୍ତି ବୋଲି ଜାଣିଲୁ ସୁସିଦ୍ଧେ, (୫) ସେ ମହାତ୍ମା ସିଦ୍ଧ ରୁଦ୍ରଗଣମାନେ କେମନ୍ତ ଅଟନ୍ତି ଶୁଦ୍ଧ ଚଇତନ୍ୟ, ଧନ୍ୟ, ବଦ୍ଧପଦ୍ମାସନ, ନିର୍ମଳ ମନ, ନିଶ୍ଚଳନୟନ, ଅନୁଭବାନନ୍ଦ ଚିଦ୍ ଘନ, (୬) ବିଷୟାରେ ବିସର୍ଜନ, (୭) ବିଶ୍ରାନ୍ତ ଶ୍ରବଣ, (୮) ମନ ନୟନ ପ୍ରତିପାଦନ, ଅହିପତ୍ୟ ବାହିକ, (୯) ପରମଆତ୍ମାରେ ଯୋଗକରି ଅଛନ୍ତି ଗୁଣକରଣ, ଗଣ ଜୀବନ, ମନ ପବନ, ସମସ୍ତେ ହିଁ ଚେଷ୍ଟାରେ ସ୍ୱଚ୍ଛ, ନିର୍ବିକଳ୍ପ, ଜୀବ ନିରାକରଣ, ଅଶରୀର ବୁଦ୍ଧ, ଆଚାର୍ଯ୍ୟ ସାଧ୍ୟ, ଜ୍ଞାନାନନ୍ଦେ ଯୁକ୍ତ, ସର୍ବଦା ମୁକ୍ତ, ଯାବତ୍ ଅନ୍ତଃକରଣ ଶୁଦ୍ଧ ହୁଅନ୍ତେ, ବିବେକ ଇଚ୍ଛୁକ, ଭୟ ଅଭୟ. ଉଦ୍‌ବେଗ ଅବସ୍ଥା ଛାଡ଼ି ସେମାନେ କେମନ୍ତ ଅଟନ୍ତି, ନାରାୟଣର ପଦରାବିନ୍ଦରେ ଶରଣ । ସେ ଆତ୍ମପୁରୁଷ ପରାତ୍ମାରେ ଲଏ, ନିରାଲମ୍ବ ଧାୟେ, ବ୍ରହ୍ମତତ୍ତ୍ୱ ନିଷ୍ଠ ଅଂଶମୟେ, ସମସ୍ତେ ହେଁ ତ୍ରିଲୋଚନର ଚାରି ପାରୁଶରେ ମେଖଳାକାର ହୋଇ ରହିଲେ । ସେ ପୂର୍ଣ୍ଣ ସମାଧି ଲୟେ, ମନକୁ ବେଶକୁ ନେଉଅଛନ୍ତି ତାହାଙ୍କୁ ଇନ୍ଦ୍ରିୟମାନଙ୍କର ନାୟକ ଯେ ସେ ନାସ୍ତି କରିଅଛନ୍ତି । ଦେହକୁ ମଦିରାନ୍ଧ ଲୋକର ବସ୍ତ୍ର ପ୍ରାୟେକ ଏବଂଭୂତ ଦେଖି ଅମୃତଲୋଚନେ ନିରେଖି, ଜ୍ଞାନ ବୁଦ୍ଧି ଜାଣି, ଦେବେନ୍ଦ୍ର ମୁକୁଟମଣି, ବହିର୍ବୁଦ୍ଧି ବିସ୍ମରି, ମନେ ମନେ ବିଚାରି ବୋଇଲେ ଦେଖି

---

୧ - 'ଖ' କିନ୍ତୁ 'କ'ରେ ମାନ-ଉନ୍ନତରଙ୍ଗେ ।

୨ - 'କ' କାମନାଶନ ।

୩ - 'ଖ' କିନ୍ତୁ 'କ', ରେ ସମସ୍ତ ସିଦ୍ଧ ରୁଦ୍ରଗଣମାନେ ବେଢ଼ିଅଛନ୍ତି ଅତ୍ୟନ୍ତ ହରଷେ ।

୪ - 'କ' ଉଦେ ।

୫ - 'ଖ' ଚନ୍ଦ୍ର ଶୋଭା ପ୍ରାୟେକ ଶୋଭା ପାଉଅଛି ଧ୍ୟାନ କରନ୍ତେ ଜାଣିଲୁ ଶୁଦ୍ଧ ବୁଦ୍ଧିଏ ।

୬- 'ଖ' ଜ୍ଞାନାନୁଭବାନନ୍ଦ ସଚ୍ଚିଦାନନ୍ଦଘନ ।

୭ - 'ଖ' ବିଷୟରସରେ ବିଘନ ।

୮ - 'କ' ବିଷୟାତିଶ୍ରବଗମନ ।

୯ - ଅତ୍ରିୟ ଅପ୍ରୀତି ବାହ୍ୟନ 'ଖ' ।

ଜାଣିମା ନା ଏହାଙ୍କର ଅନ୍ତର୍ଗତ ବାଣୀ ଦୋଷ ଜାଣି ପରିମାଣି ବୁଝିବି । ଏ ତ ସମସ୍ତେ ହେଁ ସୁସ୍ଥ ସମାଧିଯୁକ୍ତ ନିଶ୍ଚେ ହୋଇଲେ କି ? ଏମାନେ ହାଦେ ସିଦ୍ଧିଯୁକ୍ତ, ଏ କଥା ନିଶ୍ଚେ ବିଡ଼ମ୍ବି ଜାଣିବା, (୧) ଅନ୍ତର୍ଗତ ଦୋଷ ପରୀକ୍ଷା କରି ମଣିବା । ଏବମସ୍ତୁ (୨) ବିଚାରି, ଜଗତ ପ୍ରଭୁ ତ୍ରିପୁରାରି ପାର୍ବତୀଙ୍କି ହକାରି, କଉତୁକ ରସେ ପରିହାସ କରି, ପଚାରି କୋମଳ କରି (୩) କର୍ଣ୍ଣମୂଳରେ ଆଜ୍ଞାଦେଲେ ହେ ଭଦ୍ରେ ! ହେ କଲ୍ୟାଣି ! (୪) ହେ ଶୁଭ୍ର ସକୁମାରି ! (୫) ହେ ଶାକାମ୍ବରୀ ! ଜଗତ୍ ମାୟା ସ୍ୱରୂପୀ, ପରମ ମୋହିନୀ ରୂପୀ, ବ୍ରହ୍ମାଦି ତରିଣ ପରିଯନ୍ତେ, (୬) ପ୍ରକୃତି ସ୍ୱରୂପେ (୭) ବାହ୍ୟ ଅଭ୍ୟନ୍ତରେ ଅଛୁ ବ୍ୟାପୀ ଏ ତୋହର ବିଭ୍ରମ ମାୟାର ପ୍ରଭାବ ଗୁଣ (୮) ଏମାନଙ୍କର ବୋଧ ଉଦୟେ ହୋଇଲା କି ବୁଦ୍ଧିରୁ ଅଚଳ ନିର୍ମଳ ଗୁଣ, ଏ ସବୁଙ୍କରି ଶୁଦ୍ଧ ବିଚାର କରି (୯) ନିକିତିରେ ପକାଇ ତୁଳିଲେ ଜାଣିମା ଆଜି ଲଘୁ ଗୁରୁ ପରିମାଣିକା (୧୦) ହେ ଦେବି ! (୧୧) ଏବେ ତୁମ୍ଭେ (୧୨) ଆମ୍ଭର ବଚନେ ଅତ୍ୟନ୍ତ ପ୍ରସନ୍ନେ (୧୩) ତ୍ରଇ ଲୋକ୍ୟମୋହିନୀ ଜରି କନ୍ୟା ଏକ ଜନ୍ମ କରିବ, ଏ ସିଦ୍ଧ ରୁଦ୍ରଗଣମାନଙ୍କର (୧୪) ଜ୍ଞାନବୁଦ୍ଧି ମୋହିବାକୁ ଭାଜନ (୧୫) ହେ ସୁନ୍ଦରୀ ତୁ ତ ସ୍ୱଭାବେ ହେଁ ପରମ (୧୬) ମାୟା, ଲାବଣ୍ୟମୟେ କାୟା, କନ୍ଦର୍ପ ନିତମ୍ବ ମଣ୍ଡଳକୁ ଆଶ୍ରେ କରି (୧୭) ହୋଇଥାଇ ସାହା, ଆମ୍ଭର ଯୋଗ ଭଗ୍ନ କଲା ଯେବେ (୧୮) ସେ ଶକ୍ତି କାମଦେବର ଅଛିଟି କି ଜାଣିମାନା ଏବେ । ଏବେ ତୁମେ ଆମର ବଚନେ, ଅତ୍ୟନ୍ତ ପ୍ରସନ୍ନେ, ଆତ୍ମ କଉତୁକ ଲୀଳାକ୍ରୀଡ଼ା ପ୍ରସଙ୍ଗେ ଭୟ ଛାଡ଼ି, ନାରୀଏ ହୋଇ, ସଚରାଚର ମୋହିନୀ ଜରି, କନ୍ୟା ଏକ ଜନ୍ମ କରିବୁ ।

---

୧. 'ଖ' । ୨. 'ଖ' ଜିବ୍ଭୁ 'କ'ରେ ଏତେ । ୩. 'ଖ' ଜିବ୍ଭୁ 'କ'ରେ କୋମଳରସ କଉତୁକ କରି । ୪. 'ଖ' ଜିବ୍ଭୁ 'କ'ରେ କଇଲ୍ୟାଣି । ୫. 'ଖ' ସୁକୁମାରି । ୬. 'ଖ' ଜିବ୍ଭୁ 'କ'ରେ ଆବ୍ରହ୍ମ ତୃଣ ପର୍ଯ୍ୟନ୍ତେ । ୭. 'ଖ' ।୮. 'ଖ''କ'ରେ ଗୁଣ ନାହିଁ । ୯. ସୂକ୍ଷ୍ମ ବିଚାରି 'କ' ପୁସ୍ତକେ ଅଛି । ୧୦. 'ଖ', କ'ରେ କାହାର କେତେକ ଲଘୁପରିମାଣିବା ।୧୧. 'ଖ', 'କ'ରେ ତୁ । ୧୨. 'ଖ' । ୧୩. 'ଖ' । ୧୪. 'କ' । ୧୫. 'ଖ' ଜିବ୍ଭୁ 'କ'ରେ ଧ୍ୱଂସିବାକୁ ଭାଜନ । ୧୬. 'ଖ' । ୧୭. 'ଖ' ଜିବ୍ଭୁ 'କ' ରେ କାମଦେବ ତୋତେ ନିଶତ୍ତରେ ଆଶ୍ରେ କରି । ୧୮. 'ଖ' ଜିବ୍ଭୁ 'କ'ରେ ମୋହର ଯୋଗ ଯେ ଭଗ୍ନ କଲାନା ପୂର୍ବେ ।

ସେ କାମଦେବ ମୋହିନୀ କନ୍ୟା ସଙ୍ଗତରେ ଥାଇ, ସହଚର ବସନ୍ତ ଥିବ ସଖାଯୁକ୍ତ ହୋଇ, ପୁଷ୍ପଧନୁ ଧରି ତୋହରେ ତାହାର ସିଦ୍ଧ ହେବ କାର୍ଯ୍ୟ, କାମ ବ୍ରହ୍ମାର ପ୍ରତିଜ୍ଞା ଦେଖି ଜାଣିମା ନ ଆଳ । (୧) ସେ ଚଇତନ ସ୍ୱରୂପୀ ଈଶ୍ୱର ଆଜ୍ଞାପାଇ ଆତ୍ମାଶକ୍ତି ପାଶମୁକ୍ତ ପ୍ରାଣୀମାନଙ୍କ ମନକୁ ପୁନରପି (୨) ଅନଙ୍ଗ ପାଶେ ଆକର୍ଷିବାକୁ ଅତ୍ୟନ୍ତ ହରଷ ହୋଇଲା (୩) ସେ ସଚରାଚର ମୋହିନୀ କନ୍ୟାଏ ଜନ୍ମକଲା । ଆପଣା ମନରୁ, କେବଳ ମୁହୂର୍ତ୍ତେ ମାତ୍ର ଧ୍ୟାନ ରହି, ଆହା ବାବୁ କନ୍ୟା ସେ, ରସେ ଜଗତ ମୋହିଲା । ପୃଥିବୀ ଶୋହିଲା, ପ୍ରାଣୀମାନଙ୍କର ଧୈର୍ଯ୍ୟ ଉଡ଼ିଲା, ଅନଙ୍ଗ ଅଯୋନିଧିକି ଆସି (୪) କପିଳାସ କନ୍ଦର ଯାକେ ବେଢ଼ିଲା (୫) ତାହାର (୬) ଧନ୍ୟ ଧନ୍ୟ, କି ଭୂମିଗତ ସ୍ଥିତି କି ? ମନ୍ମଥ ରାଜାର କୋଦଣ୍ଡ ଭ୍ରାନ୍ତି (୭) କି ବିଜୁଳିର କାନ୍ତି, କି ବ୍ରହ୍ମାଦି ଦେବଙ୍କୁ ମୋହିନୀ ଫାଶୀ ? କି ବିହି ନିର୍ମାଣ କଲା (୮) ଲାବଣ୍ୟରାଶି, କି ଅନଙ୍ଗ ଅମୀୟ ପୂର୍ଣ୍ଣ କଳସୀ ? କି ଯୋଗୀଜନ ମନମୀନ ବଡ଼ଶୀ ? କି କାମିନୀ କୁଳ କମଳ ବିଳାସୀ ? କି ମନସିଜ ମନଙ୍କ ବନ ଶଶୀ ? କି ବ୍ରହ୍ମଜ୍ୟୋତି ନିର୍ମାଣ ନିଶି ? (୯) କି ବିବେକ ପ୍ରଦୀପକୁ ହତ ବତାସୀ ? କି ଈଶ୍ୱର ମୋହିବାକୁ ଇଷିତହାସୀ ? କି ଦେଖି କାମଦେବ ହିଁ ହେଉଛି ଧ୍ୱଂସି ? (୧୦) ଆ ବାବୁ କନ୍ୟାର ସେ ବଦନ, ପୂର୍ଣ୍ଣ ନିର୍ମଳ ଶରଦ ଚାନ୍ଦ, (୧୧) ଦୁହାସ ନୟନ, (୧୨) ମୁନିଜନମାନଙ୍କର (୧୩) ମନ ନୟନକୁ ପାତିଅଛି ଫାନ୍ଦ ? ଜ୍ଞାନତରୁ ଉପାଡ଼ିବାକୁ ନୟନ ଗଙ୍ଗା ନଦୀର ତରଙ୍ଗ ସ୍ନିଗ୍ଧ ବିଦଗ୍ଧ ମଧୁର ଚଞ୍ଚଳ କଟାକ୍ଷରେ ; କୋଟି କୋଟି କାମ ଆସି (୧୪) ହୋଇଅଛି ସଙ୍ଗ । ନିର୍ବାଣ ମୁକ୍ତି ଛାଡ଼ି ପାରଇ (୧୫) ତାହାର ମୁଖକମଳ ପେଖିଲେ, ତୁରୀୟା ଅବସ୍ଥା ହୋଇ ପାରଇ ତାହାର ସ୍ତନ ଶଙ୍କର (୧୬) ଦେଖିଲେ ।

---

୧. କେବଳ ମୁହୂର୍ତ୍ତ ମାତ୍ରକେ ଧ୍ୟାନେ ସେ ମାୟା କନ୍ୟାର ସାଙ୍ଗେ ଥାଇ ସହଚର ସଖାଯୁକ୍ତେ ପୁଷ୍ପଧନୁ ଧରି ତାହାରେ ତୋହରେ ସିଦ୍ଧ ହୋଇବ କାର୍ଯ୍ୟ କାମବ୍ରହ୍ମା ପ୍ରଭାବ ଜାଣିମାନା ଆଳ । ୨. 'ଖ', କିନ୍ତୁ 'କ'ରେ ପ୍ରାଣୀମାନଙ୍କୁ ପୁନରପି । ୩. 'ଖ' । ୪. 'ଖ', 'କ'ରେ ଆଣିଲି । ୫.'ଖ', କିନ୍ତୁ 'କ'ରେ ବୁଢ଼ାଇଲା । ୬. 'ଖ' । ୭. 'ଖ' । ୮. 'ଖ' କିନ୍ତୁ 'କ'ରେ ନିରମିଲା । ୯. 'ଖ' । ୧୦. 'ଖ' 'କ'ରେ ଧ୍ୱଂସି । ୧୧. 'ଖ' କିନ୍ତୁ 'କ'ରେ ଶରଦ ପୂର୍ଣ୍ଣମୀର ଚାନ୍ଦ । ୧୨. 'ଖ' କିନ୍ତୁ 'କ'ରେ ନୟନ କି । ୧୩. 'ଖ' କିନ୍ତୁ 'କ'ରେ ଯୋଗୀଜନମାନଙ୍କୁ । ୧୪. 'କ'ରେ ଆସିନାହିଁ । ୧୫. 'ଖ', 'କ'ରେ ତେଜିପାରି । ୧୬. 'ଖ' କିନ୍ତୁ 'କ'ରେ ସ୍ତନଯୁଗ୍ମ ।

ବିଧାତା ଦେଖିଲେ ଜଡ଼ଭାବେ କରିବ ପ୍ରଳାପ (୧) ମନ୍ମଥ ରତିସଙ୍ଗ ଛାଡ଼ିବାକୁ (୨) ନିଶ୍ଚେ କରୁଅଛି (୩) ସଂକଳ୍ପ । ଚନ୍ଦ୍ର ଦରଶନ ମାତ୍ରକେ କିରଣେ ଛୁଇଁଲା ଯହୁଁ (୪) କଷ୍ଟେ କଷ୍ଟେ ପ୍ରାଣ ରଖିଅଛି (୫) ତହୁଁ ରୋହିଣୀର ଅଙ୍ଗସଙ୍ଗ ବିରଙ୍ଗ (୬) ପାଇଲା, ସ୍ପର୍ଶ ନ କରିବା ମାତ୍ରକେ ନିମଗ୍ନ ହୋଇ ଜଡ଼ ଆତ୍ମା (୭) ଗଗନେ ଉଇଁଲା, ଭୋଗକରି ନ ପାରି ସେ ଟି କାଳିକି ? କଳଙ୍କ ବୋଲି ତାହା ବୋଲନ୍ତି ଅଦ୍ୟାପି (୮) ଅଲେଖ ଜ୍ଞାନ ବୁଦ୍ଧି ମୋହିବାକୁ ଯେ ହୋଇଅଛି ଜନ୍ମ, ବୃହସ୍ପତି ଦେଖିଲେ ହେବେ ମଦନେ ବିଭ୍ରମ । ସ୍ତନଯୁଗଳ କଳ୍ପଲତା ଫଳ ପ୍ରାୟେ ପ୍ରକାଶ, ଇନ୍ଦ୍ର ଦେଖିଲେ ସ୍ୱର୍ଗଭୋଗ ଛାଡ଼ି ସେହିକ୍ଷଣି ହୋଇବ ଦାସ । ସ୍ତ୍ରୀ ନିନ୍ଦେକ ବସ୍ତୁ କି ପଳାଇଲା ଭୂମଣ୍ଡଳ ଦେଖି, ନାରାୟଣ ପଦ୍ମନେତ୍ର ଦୁଇ ଲକ୍ଷ୍ମୀ କଉତୁକେ ଦେଖି ହସ୍ତେ ଅଛନ୍ତି ବୁଜି । ସକଳ ହୀରରତ୍ନ କି ସୃଷ୍ଟିରେ ଗୁଣ୍ଡିଭୂତ ହୋଇଲା, ଐଶ୍ୱର୍ଯ୍ୟ ମାନନ୍ତ ସେ ମୋହ ନିଦ୍ରାରେ ମୋହିଲା । ଜଗତେଶ୍ୱରୀ ଯାହା ଅତ୍ୟନ୍ତ ଯତ୍ନେ ଜାତକଲା । ସ୍ୱାମୀ ବିଷୟର ତେଜି ଦାସ ପ୍ରାୟେକ ହୋଇ କନ୍ଦର୍ପ ନିତମ୍ବ ମଣ୍ଡଳକୁ ଆଶ୍ରେକରି ରହିଲା । କୁବେର ପଦ୍ମନିଧି ତେଜି ପାରଇ ଅଙ୍ଘ୍ରି ଯୁଗଳ ଦେଖିଲେ, ଛାୟାକୁ ତେଜି ସୂର୍ଯ୍ୟ ଭୂମିଗତ ହୁଅନ୍ତା । ନିଶି ନୋହି ଦିବସ ହୋଇଥିଲେ । ସେ କ୍ରୀଡ଼ାରସ ନଦୀ ଅବା ଲାବଣ୍ୟ ବାରିରେ ପୂରାଇଲା । (୯) ତ୍ରିପୁର ସୁନ୍ଦରୀମାନଙ୍କର ହିଁ ଆଦର ସରିଲା । ଦିଗପାଳମାନେ ଦେଖି ହୋଇଲେ ଜଡ଼ । ଜୀବେ ଅଜୀବେ ଜଳିଲେ ବଡ଼ (୧୦) ଏବଂ ଭୂତ ପ୍ରକାରେ ରୂପ କ୍ରୀଡ଼ାବନରେ ଅଜୀବଜୀବ କାମାନ୍ଧକାରେ ମଜ୍ଜିଲେ ଯହୁଁ ଆକର୍ଣ୍ଣ ପରିଯନ୍ତେ ପଞ୍ଚବାଣ ପୂରାଇ ମନମଥ ବିତାରିଲାକ ତହୁଁ (୧୧) ଏବଂ ଭୂତ ପ୍ରକାରେ ସେ ଜଗତ ପ୍ରକୃତି ଅମ୍ବିକା (୧୨) ଲାବଣ୍ୟ ସମୁଦ୍ର ଲକ୍ଷ୍ମୀ ଉଦ୍ଧରି ଆଣିଲା କି, ଅତ୍ୟନ୍ତ, ଜଗତମାତାର

---

୧. 'ଖ' ଛିଡ଼ୁ 'ଙ'ରେ ବିଧାତା ଜଡ଼ ଭାବେ ଦେଖିଲେ କରିବ ପ୍ରଣାମ ।
୨. 'ଖ' ଛିଡ଼ୁ 'ଙ'ରେ ତେଜିବାକୁ । ୩. 'ଖ' । ୪. 'ଖ' । ୫. 'ଖ' କି 'ଙ'ରେ ପାଇଲାକ । ୬. 'ଖ' ଛିଡ଼ୁ 'ଙ'ରେ ବିଭଙ୍ଗ । ୭. 'ଖ' । ୮. 'ଖ' ଛିଡ଼ୁ 'ଙ'ରେ ଲୁପ୍ତ କରି ନ ପାରି ଯହୁଁ ମୁଖ କାଳିକି, କଳଙ୍କ ବୋଲି ତା ଏବେ ବୋଲି ଅଲାଖ ।
୯. ବୁଡ଼ାଇଲା 'ଙ' । ୧୦. 'ଙ'ରେ ଅଜୀବଜୀବମାନଙ୍କର ଲାଗିଲା ଜଡ଼ ।
୧୧. 'ଖ'ରେ ନାହିଁ । ୧୨. 'ଙ' ପୋଥିରେ ନାହିଁ ।

ଯତନେ ସୃଜିଲା ସେ ଅନୁପମାମଦ ସନ୍ଦୀପନୀ କନ୍ୟା । (୧) ସେ କନ୍ୟା ଆଜ୍ଞା ପାଇ ସିଦ୍ଧଙ୍କର ଜ୍ଞାନ ସମୁଦ୍ରେ ମଜ୍ଜିଲା । ମନ୍ମଥ (୨) ହସ୍ତୀକି ପାଶେ ଆକର୍ଷି ଆଣିବାକୁ ଅତ୍ୟନ୍ତ ହରଷ ହୋଇ ସେ ସମାଧି ବୁଦ୍ଧି ମହାତ୍ମା ମଣ୍ଡଳର ମଧ୍ୟେ ମିଳିଲା । ରତ୍ନ ଅଳଙ୍କାର ଯୁକ୍ତ ହୋଇ ଯୋଗବିଘ୍ନ କରିବାପାଇଁ, ସେ ମୁକ୍ତିପଥ ନିରୋଧିବାକୁ କନ୍ୟାର ଅପାଙ୍ଗ ସଙ୍ଗତେ ମନସିଜ ସଜୀବ ହୋଇଅଛି । ପୁଷ୍ପଶର ଯୁଗତେ, କାମଦେବ ସଙ୍ଗତେ, ବସନ୍ତଋତୁ ଅଇଲା । ମଉଦ୍ରକୁ ସଂପକ୍ଷ ହୋଇବାକୁ କରି ଆକାଶେ ନିର୍ମଳ ହୋଇ ଚନ୍ଦ୍ରମା ଉଇଁଲା । ମଧୁଯାମିନୀ ହୋଇଲା, ମଳୟ ପବନ ମନ୍ଦମନ୍ଦ ହୋଇ ବହିଲା, ଯୁବାଜନମାନଙ୍କର ମନକୁ (୩) ପୁନଃ ପୁନଃ କରି ଦହିଲା । ସେ ମନସିଜ ଦର୍ଶନେ, ରମ୍ୟ ଅରଣ୍ୟ ସମସ୍ତ ଜନ୍ତୁମାନଙ୍କୁ ବାଧା ଲାଗିଲା । ସେ ସଙ୍ଗେ ବିହରନ୍ତା ବିଦ୍ୟାଧରୀମାନଙ୍କର ଭର୍ତ୍ତାଙ୍କୁ ଲୋଭନୀୟ ଇଚ୍ଛାଏ ବଳିଲା । ଶୁଷ୍କ ପାଦପ କଅଁଳିଲା, ପଲ୍ଲବିତ ହୋଇଲା ମହାରାଜମାନଙ୍କର ରମଣ ଅଯୋଗ୍ୟ ହସ୍ତିନୀମାନେ ସହିଲେ (୪) ଭ୍ରମରେ ପଦ୍ମରେ ରହିଲେ । ଦିବ୍ୟାଙ୍ଗନାମାନଙ୍କର ସ୍ତନ ସଙ୍କଟେ ମଳୟ ପବନମାନେ ଶରଣ ପଶିଲେ । ଲଜ୍ଜାଏ ଗଳିଲେ । କୋକିଳମାନଙ୍କର କୁହୁ କୁହୁ ଶବ୍ଦେ ବଳିଲେ । ଅଦିନେ ସାରୀ ପକ୍ଷୀଏ ଭାଷିଲେ । ଭ୍ରସଳନ୍ତ ପଦ୍ମେ ଲେଉଟି (୫) ଚୁମ୍ବିବାକୁ ସଇଚ୍ଛେ ମନ୍ଦ ମନ୍ଦ ହୋଇ ହସିଲେ । ସେ ଅରଣ୍ୟେ ସମସ୍ତ ଜନ୍ତୁମାନେ ହେଁ ଉନ୍ମତ୍ତ ଦିଶିଲେ, ପୁରୁଷେ ଅଙ୍ଗନାମାନଙ୍କର ଭୁଜପଞ୍ଜରେ ଶରଣ ପଶିଲେ ।

ଏବଂ ଭୂତ ପ୍ରକାରେ, ରୁଦ୍ର କ୍ରୀଡ଼ା ବନରେ ଛାବେ ଅଛାବେ କାମାନ୍ଧକାରେ ମଜ୍ଜିଲେ ଯହୁଁ ଆକର୍ଣ୍ଣ ପରିଯନ୍ତେ ପଞ୍ଚବାଣ ପୂରୋଇ ମନ୍ମଥ ବିଚାରିଲି କି ତହୁଁ । ସେ ପାଞ୍ଚ ଶରକୁ ଶିଖାଇ, ବସାଇ, ଅଧାନ, ସନ୍ଧାନ, ମୋକ୍ଷ ମଣ୍ଡଳ କରି ପ୍ରତିଜ୍ଞା କଲା ତହୁଁ । ପ୍ରତିଜ୍ଞା କରଇ ହାଇ ହାଇ ହାଇ । ଆଜ ଜାଣିମାନା ସିଦ୍ଧଙ୍କର ଗର୍ବ, ମୋତେ ପୂର୍ବେ ଜିଣିଲା ପରା ବିଚାରିଛନ୍ତି ସର୍ବ । ବିଶ୍ୱ ଆଶ୍ଚର୍ଯ୍ୟ ଏ ସମାନ କର୍ମ

---

୧. ଅତ୍ୟନ୍ତ ଯତନେ ତ ସୃଜିଲା ସେ ଅନୁପମା ମଦନ ସନ୍ଦୀପନୀ 'କ' ।
୨. ମନ୍ମଥ 'କ' ।
୩. ଚିତ୍ତ 'କ' ।
୪. ମହାରାଜାଙ୍କର ରମଣ ଅଯୋଗ୍ୟ ହସ୍ତିନୀମାନେ ସହିଲେ ।
୫. 'ଖ' ପୋଥିରେ ଏ ବାକ୍ୟଟି ନାହିଁ । ମନ୍ଦ ମନ୍ଦ ହୋଇ ଭ୍ରମରେ ପୁଷ୍ପ ଲେଉଟାରେ ଚୁମ୍ବିବାରେ 'କ' ।

କଲେ । ସାତ୍ତ୍ୱିକ ଶ୍ରଦ୍ଧାଙ୍କୁ ଘେନି ଶାନ୍ତି ହୋଇ ବିଷ୍ଣୁଭକ୍ତିକି ଆଶ୍ରେ କରି ଗଲେ । ତାହାଙ୍କର ପ୍ରସଙ୍ଗେ, ନିତ୍ୟାନିତ୍ୟ ଦର୍ଶନେ, ଅନ୍ତଃକରଣ ଚତୁଷ୍ଟୟ କଲେ ଶୁଦ୍ଧି । ପୁଣି ଯମ ନିୟମାଦି ବଳେ ମୋତେ ଜିଣି ନିର୍ମଳ କଲେ ମନ ବୁଦ୍ଧି (୧) । ଶୁଦ୍ଧ ଅନ୍ତଃକରଣ ବିବେକ ଉତ୍ପନ୍ନ ହିଁ କଲେ (୨) । ହରି ହରି ଅଣିମାଦି ଐଶ୍ୱର୍ଯ୍ୟଙ୍କୁ କୁହୁକ ବୋଲି ବୋଇଲେ । ଏ ଯୋଗୀଏ ସ୍ୱର୍ଗ ସୁଧାନିଧି ସ୍ତ୍ରୀ-ରତ୍ନମାନଙ୍କୁ ନରକ ବୋଲି ଭାବନ୍ତି । ପ୍ରତ୍ୟକ୍ଷ ଦୃଷ୍ଟି ପ୍ରପାତଙ୍କୁ ମିଥ୍ୟା ବୋଲି ଭାଷନ୍ତି । ଶାନ୍ତ, ଦାନ୍ତ, ବୁଦ୍ଧି, ସାଧନ ହୋଇଲେ ହେଁ ଏମାନଙ୍କର କୈବଲ୍ୟ ଜ୍ଞାନେ ଲୟେ, ଆମ୍ଭେ ଷଡ଼ (୩) ଭାଇ ରାଜ୍ୟ ଛାଡ଼ି ପଳାଇଲୁ ଏ ପାପିଷ୍ଠ ଦୁରାତ୍ମାମାନଙ୍କ ଭୟେ । ଏମାନେ ତ ମୋହର ଦୁଃସାଧ୍ୟ ବୈରି, ଆଜ ଜାଣିମାନା ଏମାନଙ୍କୁ କେ ପାରଇ ଉଦ୍ଧରି (୪) । ଏତେ ବିଚାରି, ସେ ମକରଧ୍ୱଜ କିଶରେ ହାତ ଭରି, ପୁଷ୍ପଧନୁ ଧରି, ଗୁଣ ଟଙ୍କାର କରି, ପାର୍ବତୀଙ୍କୁ ସୁମରି, ପୂର୍ବ କଥା ବିଚାରି, (୫) ମୋହ ଉତ୍କଟ ପ୍ରତିଜ୍ଞା କରି (୬) । ବୋଇଲା ଚଞ୍ଚଳ ଦୃଷ୍ଟି ଅପାଙ୍ଗ କୋଣେ ଦହିବି ଆଜ ସିଦ୍ଧଙ୍କୁ ଖଣ୍ଡ ଖଣ୍ଡ କରି (୭) । ସେ ମକରଧ୍ୱଜ ଅତ୍ୟନ୍ତ ମଦେ, ମାୟା କନ୍ୟାର ପ୍ରସାଦେ । ଚିର ବୃଦ୍ଧ ଶତ୍ରୁଙ୍କୁ ଜିଣି ପାରିବି ବୋଲି ନିଶ୍ଚେ କଲା ଅପ୍ରମାଦେ (୮) । ଏମନ୍ତ ସମୟରେ ଚନ୍ଦ୍ର ଜ୍ୟୋତ୍ସ୍ନା ବଳିଲା (୯), ବସନ୍ତଋତୁ ଚଳିଲା, କାମାଂଶ ବଳିଲା, ସେ ତ୍ରୈଲୋକ୍ୟ ମୋହିନୀ କନ୍ୟା ସମାଧି ମୟେ ସିଦ୍ଧ ମଣ୍ଡଳର ମଧ୍ୟେ ମିଳିଲା । କେମନ୍ତ ପ୍ରାୟେ ହୋଇ, (ଉପେକ୍ଷା) ସ୍ଥିରମନ ବିହଙ୍ଗ ସମୂହର ମଧ୍ୟେ ମନ୍ମଥ ପତାକା ଉଡ଼ାଇଲା (୧୦) କି ଧୈର୍ଯ୍ୟ ପର୍ବତମାନଙ୍କୁ ଲାବଣ୍ୟ ବାରି ବୁଡ଼ାଇଲା । କି କୈବଲ୍ୟ ପରମାନନ୍ଦମାନଙ୍କୁ ଅଣିମାଦି ଅବିଦ୍ୟା ଢାଙ୍କିଲା । କି ବୋଧ ଉଦୟ ଚନ୍ଦ୍ର ଜ୍ୟୋତ୍ସ୍ନା ମାଳକୁ ମୋହ ମେଘ ପଟଳ ଢାଙ୍କିଲା । (୧୧) କି ଶାନ୍ତି ରସକମଳ କୁଞ୍ଜେ ତ ନବ ବସନ୍ତ ବହିଲା (୧୨) ପୁନରପି ବ୍ରହ୍ମପାଶ ବୁଦ୍ଧିକି ସ୍ତ୍ରୀ ସୁଖେ ବିଭାଡ଼ିଲା ? ଯୋଗାଭ୍ୟାସ ଅଗ୍ନିକି ଅଧରାମୃତ ବାରିକି ଲିଭାଇଲା । ସେ ଅବିଦ୍ୟା ମୃତ ସଞ୍ଜୀବନୀ କନ୍ୟାର ନୂପୁର ବଳୟ କଙ୍କଣଙ୍କର କ୍ୱଣ, କଟି ମେଖଳାର ରଡ଼ି,

---

(୧) ଦମ ନିୟମ ବଳପର ଏମାନେ ନିର୍ମଳ କରିଅଛନ୍ତି ମନ ବୁଦ୍ଧି 'କ' ।
(୨) ଶୁଦ୍ଧ ଅନ୍ତଃକରଣ ବିବେକ ଦୃଷ୍ଟି ହୋଇଲେ 'କ', (୩) ଛ 'ଖ', (୪) ରକ୍ଷାକରି 'ଖ', (୫) ବିସୋରି 'ଖ', (୬) ମେରୁର ପୃଷ୍ଠେ 'ଖ', (୭) ଚଞ୍ଚଳ ଦୃଷ୍ଟାଳ ନୟନେ ଛେଦିବି ଆଜ ଖଣ୍ଡ ଖଣ୍ଡ କରି 'କ', (୮) ନିୟମ ପ୍ରମାଦେ 'କ', (୯) ଚନ୍ଦ୍ର ଉଜ୍ଜ୍ୱଳ ହୋଇ ଉଇଁଲା 'କ', (୧୦) ସ୍ଥିରମନ ବିହଙ୍ଗରେ ମନ୍ମଥ ପତଙ୍ଗ ଉଡ଼ାଇଲା 'କ', (୧୧) କି ଜ୍ଞାନ ମୂର୍ତ୍ତି କି ଆସି ଅଣିମାଦି ବିଦ୍ୟା ଅଙ୍କିଲା 'ଖ', (୧୨) କମଳକୁ ଭ୍ରୂଲତା ସର୍ପିଣୀ ଖାଇଲା 'କ' ।

ବାଳ ଷଟ୍‌ପଦ ଯେବେ ବୋଲିବା ସେ ରଙ୍କ ଚତୁର । ବସନ୍ତ ଝିଙ୍କାରୀ ଯେବେ ବୋଲିବା ସେ ଝିଙ୍କୃତ ନାଦ । ଅଜଟ କୋକିଳ ଯେବେ ବୋଲିବା ସେ ମଧୁମାସେ ଭବ । ସୁସ୍ୱର ବଂଶୀ ଯେବେ ବୋଲିବା ସେ ଗମ୍ଭୀରେ ଊଣା । କମ୍ବୁଧ୍ୱନି ଯେବେ ବୋଲିବା ସେ ଉଚ୍ଚ ଶବ୍ଦେ ଊଣା । ଏମନ୍ତ ପ୍ରାୟେକ ମଣି, ବିଧାତା ସରସ୍ୱତୀର ତହୁଁ ସୂକ୍ଷ୍ମସ୍ୱର ଘେନି । ବୀଣା ତାଳର ପ୍ରାନ୍ତ ଧ୍ୱନି । ଭ୍ରମର ନାଦର ମଧ୍ୟମ ସ୍ୱର । ଝିଙ୍କାରୀର ମଧୁର । ବେଣୁ ସ୍ପର୍ଶ । ଶଙ୍ଖର ଗମ୍ଭୀର ରସ । ସାଗିରିଷ୍ଟ । ଦୁନ୍ଦୁଭିର କୋମଳ ଉଦ୍‌ଘଟ । ଶରଦ...କଳାମେଘ । ମନ୍ମଥର ହର୍ଷନାଦ ଭେରୀ । ଅମୃତର ତୁଲ୍ୟେ ସମରସ ଭରି । ମୃତ୍ୟୁସଞ୍ଜୀବନୀ ମନ୍ତ ବିଚାର । ଅଣ୍ଡିର କୋକିଳର ସ୍ୱର ଭରି । ବ୍ୟାକରଣ ଅଭ୍ୟାସ ଉଚ୍ଚାରଣ ଲାଗି । ଏ ସବୁ ପଦାର୍ଥମାନ...ନ ଭିଆଇଲା । କାକଘାଘର, ଭେକ ବିସ୍ୱର, ଶୋକ କ୍ଷୀଣାଦି ଦୋଷାନ୍ତ ନାଶି । ସେ ବଚନ କରିଅଛି କି ମୁନିଜନମାନଙ୍କର...ବର୍ତ୍ତୁଳ । ବିଶଳ ସରଳ ସରସା । ଘଞ୍ଚ । ସଞ୍ଚ ଜ୍ୟୋତିବନ୍ତ । ବିମ୍ବକ । ଆର୍ଦ୍ର । ସ୍ନିଗ୍ଧ । କାନ୍ତ । ସମ । ସୁରସ । ସୁଭକ୍ତ । ଶୁକ୍ଳ । ସୂକ୍ଷ୍ମ । ମନୋରମ...ବୋଲିବା ରେ । ମଦନ ଅନ୍ଧକାରର...ଇନ୍ଦୁ ଉଇଁଲାରେ । ସକଳ ଦୀପ୍ତ କରି କ୍ଷୁଦ୍ର କ୍ଷୀରସମୁଦ୍ର ହୋଇଲା ରେ ଲାବଣ୍ୟ ମୃଦୁ ଜ୍ୟୋସ୍ନା । ଏକ କରି ଭିଆଇଲା ରେ । କି ମନ୍ମଥହସ୍ତୀର ଗଜମୁକ୍ତା ପ୍ରାୟେ ଜଗତ ମୋହିଲା ରେ । କାମାଗ୍ନି ଶିଖା କି ଯୁବାଜନମାନଙ୍କୁ ଦହିଲା ରେ । ଈଷିତ ହାସେ କରି ରତି ଇନ୍ଦ୍ର ରୁଦ୍ର ରାତି ପାହିଲା ରେ । ଅକଳଙ୍କ ଜ୍ୟୋତି ଦେଖି ମୃତ୍ୟୁଶର କାମଦେବ ଲେଉଟି ଈଶ୍ୱରଙ୍କୁ ମାଇଲା ରେ । ସକଳ ଜନ୍ତୁମାନଙ୍କର ଜୀବ ଗ୍ରହଣ କରି ରହିଲା ରେ । ବାରିତର ପର୍ବତମାଳାରେ କରି କି ମନ୍ମଥ ସୃଷ୍ଟି ଶୋହିଲା ରେ ।

ଏମନ୍ତେ ସେ ଦନ୍ତପଟି କି କି ବୋଲି ବର୍ଣ୍ଣିମା ରେ । କନ୍ଦର୍ପର କରାଗ୍ରଣ ପ୍ରତିବିମ୍ବ ସ୍ଫଟିକ ଜପାମାଳ ଅବା ବୋଲିବା ସେ ଚଳୁ ନାହିଁ । ଡାଳିମ୍ବବୀଜ ଅବା ବୋଲିବା ସେ ଆର୍ଦ୍ର ସ୍ନିଗ୍ଧ ବର୍ତ୍ତୁଳ ଅବା ପାଇବ କାହିଁ । ବାରିତର ହୀରା ଅବା ବୋଲିବା ସେ ରଙ୍ଗେ ନୀରସ । ପଦ୍ମରାଗ ମାଣିକ୍ୟ ଅବା ବୋଲିବା ସେ ପଥରେ... । କ୍ଷୁଦ୍ର ଚନ୍ଦ୍ରମଣିରେ କୁସୁମ ଅବା ବୋଲିବା ତହିଁ ମଦନ ପ୍ରତିଭା ନାହିଁ । ବାଳଇନ୍ଦୁରେ ସନ୍ଧ୍ୟାଘନ ଘସିଲା ଅବା ବୋଲିବା... ।

**(ଅସମ୍ପୂର୍ଣ୍ଣ)**